**PUBLICATION NAME : Niti Din**

**EDITION : Bhubaneswar**

**DATE : 23-11-2021**

**PAGE : 11**

# ଇଡିଆଇଆଇକୁ ସମ୍ମାନଜନକ ଉତ୍କର୍ଷ କେନ୍ଦ୍ର ମାନ୍ୟତା



**ଭୁବନେଶ୍ୱର,୨୨।୧୧/ଏନ୍ଏନ୍ଏସ୍:** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଏଣ୍ଟରପ୍ରେନ୍ୟୁ-ଅରସିପ୍ ଡେଭେଲପ୍‌ମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ)କୁ ଦେଶର କୌଶଳ ବ୍ୟବସ୍ଥା କ୍ଷେତ୍ରରେ ଭାରତ ସରକାରଙ୍କ ପକ୍ଷରୁ ଉତ୍କର୍ଷ କେନ୍ଦ୍ର (ସିଓଇ) ମାନ୍ୟତା ପ୍ରଦାନ କରାଯାଇଛି । ଏ ନେଇ କେନ୍ଦ୍ର କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି । ଏହି ମାନ୍ୟତା ୫ ବର୍ଷ ପାଇଁ ବଜାୟ ରହିବ । ମନ୍ତ୍ରଣାଳୟର ଗାଇଡ୍‌ଲାଇନ୍ ଅନୁସାରେ ଏକ ଉତ୍କର୍ଷ କେନ୍ଦ୍ର ହେଉଛି ତାହା ଯାହା ଶ୍ରେଷ୍ଠ ବ୍ୟବସ୍ଥା, ନେତୃତ୍ୱ, ଗବେଷଣା ଓ ବିକାଶ ସହାୟତା, ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଉଦୀୟମାନ ପ୍ରଯୁକ୍ତିକୁ ନେଇ କୌଶଳ ତାଲିମ ପ୍ରଦାନ କରିଥାଏ । ଏ ସମ୍ପର୍କରେ ଇଡିଆଇଆଇର ଡାଇରେକ୍ଟର୍ ଜେନେରାଲ୍ ଡକ୍ଟର ସୁନିଲ୍ ଶୁକ୍ଳା କହିଛନ୍ତି ଯେ, "ଭାରତରେ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ବିକାଶକୁ ଆଗକୁ ବଢ଼ାଇବାର ଶକ୍ତି ହେଉଛି କୌଶଳ ଓ ଜ୍ଞାନ ଏବଂ ପରିବର୍ତ୍ତିତ ବିଶ୍ୱ ଦୃଶ୍ୟପଟରେ ଏହି ଅନୁଷ୍ଠାନ ସମାଜର ବିଭିନ୍ନ କ୍ଷେତ୍ର ଏବଂ ବର୍ଗକୁ ଲକ୍ଷ୍ୟରେ ରଖି ଉଦ୍ୟମିତାର ପରିସରରେ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ନିଶ୍ଚିତ କରାଯିବ ।''